# ଫେବୃଆରୀ ୨୭ରେ ଜିଲାସ୍ତରୀୟ ନିଯୁକ୍ତି ମେଳା

**ଯାଜପୁରଟାଉନ,୨୯।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲାସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଗୁରୁବାର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ବିଡିଓ, ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ, ନରସିଂହ(ସ୍ୱୟଂଶାସିତ) ମହାବିଦ୍ୟାଳୟ ଅଧ୍ୟାପିକା, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ, ସରକାରୀ ବହୁମୁଖୀ ଅନୁଷ୍ଠାନର ଅଧ୍ୟାପକ ପ୍ରମୁଖ ଯୋଗଦେଇ ମେଳାକୁ ସଫଳ କରିବା ଉଦ୍ଦେଶ୍ୟରେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ।

ଫେବୃଆରୀ ୨୭ରେ ଯାଜପୁର ଟାଉନ ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ ପରିସରରେ ଏହି ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।


ଜିଲାସ୍ତରୀୟ ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ବିଭିନ୍ନ ପ୍ରତିଷ୍ଠିତ ଘରୋଇ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀଙ୍କୁ ମେଳାରେ ଯୋଗଦେବା ପାଇଁ ଆଲୋଚନା ହୋଇଥିଲା। ସମସ୍ତ ବ୍ଲକର ନିଯୁକ୍ତି ଆଶାୟୀ ଯୁବତୀଯୁବକ ଯେଭଳି ବହୁଳ ସଂଖ୍ୟାରେ ଅଂଶଗ୍ରହଣ କରିପାରିବେ ସେଥିପ୍ରତି ବିଶେଷ ଧ୍ୟାନଦେବାକୁ ଅତିରିକ୍ତ ଜିଲାପାଳ ସମସ୍ତ ବିଡିଓ ଏବଂ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମେଳା ସମ୍ବନ୍ଧରେ ଗ୍ରାମାଞ୍ଚଳରେ ରହୁଥିବା ନିଯୁକ୍ତି ଆଶାୟୀ ଯୁବତୀଯୁବକ ଯେଭଳି ବ୍ୟାପକ ଭାବେ ସଚେତନ ହୋଇ ଏହାର ସୁଯୋଗ ନେଇପାରିବେ ସେଥିପାଇଁ ବ୍ଲକର କାର୍ଯ୍ୟକର୍ତ୍ତାଙ୍କ ଜରିଆରେ ପ୍ରଚାର ପ୍ରସାର ପାଇଁ ଆଲୋଚନା ହୋଇଥିଲା। ଜିଲାର ସମସ୍ତ ମହାବିଦ୍ୟାଳୟ, ଶିଳ୍ପ ତାଲିମ୍ କେନ୍ଦ୍ର ଏବଂ ଡିପ୍ଲୋମା ପାଠ୍ୟକ୍ରମ ଥିବା ଅନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ରଙ୍କୁ ମେଳାରେ ଅଂଶଗ୍ରହଣ ପାଇଁ ସୂଚନା ପ୍ରଦାନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିପରି ଜିଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବୃହତ୍ କମ୍ପାନୀଙ୍କୁ ମଧ୍ୟ ଅଂଶଗ୍ରହଣ ପାଇଁ ସ୍ଥିର କରାଯାଇଥିଲା। ମେଳାରେ ଆଇନଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ, ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ଅଗ୍ନି ନିର୍ବାପକ ସୁରକ୍ଷା ପାଇଁ ସମ୍ପୃକ୍ତ ବିଭାଗର କର୍ମଚାରୀ ମୁତୟନ ରହିବେ। ମେଳା ସମୟରେ ପାନୀୟ ଜଳ ଯୋଗାଣ ସହ ପରିମଳ ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସହଯୋଗ କରିବେ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସଜେଇ ହେଉଛି ଯାଜପୁର ସହର


ହେଲିକପ୍ଟର ଲ୍ୟାଣ୍ଡିଂ ପାଇଁ ଯାଜପୁର ପ୍ରଶାସନିକ ଭବନ ପଡ଼ିଆକୁ ପ୍ରସ୍ତୁତ କରାଯାଉଛି।

**ଯାଜପୁରଟାଉନ,୨୯।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବ୍ରୁଆରୀ ୩ରେ ଯାଜପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବାରୁ ଏବେ ଠାରୁ ଯାଜପୁର ସହର ସଜେଇ ହେଉଛି। ରାଷ୍ଟ୍ରପତି ଭୁବନେଶ୍ୱର ବିମାନ ବନ୍ଦରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଯାଜପୁର ପ୍ରଶାସନିକ ଭବନ ପଡ଼ିଆରେ ଅବତରଣ କରିବେ। ଏହାପରେ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ନାଭିଗୟାରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି। ଯାଜପୁର ଇତିହାସରେ ରାଷ୍ଟ୍ରପତିଙ୍କ ପାଦ ପ୍ରଥମ ଥର ଯାଜପୁର ମାଟିରେ ପଡ଼ିବାକୁ ଯାଉଛି। ଏହା ଯାଜପୁରବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ରାଷ୍ଟ୍ରପତିଙ୍କ ଯାଜପୁର ଆସିବା ଖବର ପ୍ରସାରିତ ହେଲା ପରେ ଯାଜପୁରବାସୀଙ୍କ ମନରେ ଖୁସିର ଲହରି ଖେଳି ଯାଇଛି। ସମସ୍ତେ ରାଷ୍ଟ୍ରପତିଙ୍କୁ ଦେଖିବା ସହିତ ତାଙ୍କୁ ସ୍ୱାଗତ କରିବା ପାଇଁ ଏବେଠାରୁ ଅଣ୍ଟା ଭିଡ଼ିଛନ୍ତି। ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିରଜା ମନ୍ଦିର ପ୍ରଶାସନ, ପୋଲିସ ସମସ୍ତଙ୍କ ମଧ୍ୟରେ ତତ୍ପରତା ଦେଖା ଦେଇଛି। ବିଶେଷକରି କୁସୁମା ସମ୍ମୁଖ ପ୍ରଶାସନିକ ଭବନ ପଡ଼ିଆକୁ ବଜୁରି ଗୁଣ୍ଡ ପକାଯାଇ ସମତୁଲ କରାଯାଉଛି। ଚାରିପଟେ ବ୍ୟାରିକେଡ୍ ନିର୍ମାଣ କରାଯାଉଛି। ରାସ୍ତାଘାଟ ସଫାସୁତରା କରାଯିବା ସହିତ ରାସ୍ତା ମଝିରେ ଥିବା ଡିଭାଇଡରରେ ମଧ୍ୟ ରଙ୍ଗ ଦିଆ ଆରମ୍ଭ ହୋଇଗଲାଣି। ଏହି ପ୍ରଶାସନିକ ଭବନ ପଡ଼ିଆରେ ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଉଛି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସବୁଠି ଚଳଚଞ୍ଚଳ, ବ୍ୟସ୍ତତା ଦେଖିବାକୁ ମିଳିଛି।

# ଡାକ୍ତର ସୁରେଖା ଓଝାଙ୍କ ପରଲୋକ



**ବରୀ,୨୯।୧(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଞ୍ଚଳର ଜଣାଶୁଣା ମହିଳା ଡାକ୍ତର ସୁରେଖା ଓଝାଙ୍କ ଗୁରୁବାର ସକାଳେ ତାଙ୍କ ବରୀ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ଚାକିରି ପଛରେ ନ ଗୋଡ଼ାଇ ବରୀ ଭଳି ଏକ ଦୁର୍ଗମ ଅଞ୍ଚଳରେ ଦୀର୍ଘ ଦିନ ଧରି ସେ ଚିକିତ୍ସାସେବା ଯୋଗାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସୁରେଖା ୧୯୪୩ରେ ଜନ୍ମଗ୍ରହଣ କରିଥିଲେ। ୧୯୬୭ରେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଏମ୍‌ବିବିଏସ୍ ପାସ୍ କରିବାପରେ ବରୀଠାରେ ‘ନାରୀ ମଙ୍ଗଳ ସେବା ସଦନ’ନାମରେ ଏକ ଚିକିତ୍ସାଳୟ ଖୋଲିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳର ବହୁ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ବରୀର ବିଭିନ୍ନ ସ୍ଥାନକୁ ନିଆଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ସମରେଶ ମୁଖାଗ୍ନି ଦେଇଥିଲେ। ସୁରେଖାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ପୂର୍ବତନ ଭାଜପା ଜିଲା ସଭାପତି ଆଶୁତୋଷ ପରିଡ଼ା, ବରୀ ସରପଞ୍ଚ ସୋନାଲି ସିଂ, ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ଜିଲା ପରିଷଦ ସଭ୍ୟା ସୁମିତ୍ରା ଯାଦବ, ଯୁବ ସାମାଜିକ କର୍ମୀ ସଞ୍ଜୀବ ଜେନା, ସେକ୍ ସଫିକ ଉଦ୍ଦିନ, ପୂର୍ବତନ ସରପଞ୍ଚ ରମାକାନ୍ତ ମଲ୍ଲିକ, ସରପଞ୍ଚଙ୍କ ପ୍ରତିନିଧି ପ୍ରସନ୍ନ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଝୁମେଇଲେ ଅଭିନେତ୍ରୀ ଦିବ୍ୟା



କରଦା ହରିହାଟ ମହୋତ୍ସବର ୨ୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

**ପାଣିକୋଇଲି,୨୯।୧(ବିକାଶ ଚନ୍ଦ୍ର ମଲ୍ଲିକ):**

## କରଦା ହରିହାଟ ମହୋତ୍ସବର ୨ୟ ସନ୍ଧ୍ୟା

କୋରେଇ ବ୍ଲକ ଅନ୍ତର୍ଗତ କରଦା ହରିହାଟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସ, ମେଳା କମିଟି କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ, କରଦା ପଞ୍ଚାୟତ ନାଏବ ସରପଞ୍ଚ ପ୍ରଭାତ ମହାପାତ୍ର ଓ ବରିଷ୍ଠ ସଦସ୍ୟ ଅଦ୍ୱୈତ୍ୟ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି ପକ୍ଷରୁ ଖବରଦାତା ବିଶ୍ୱନାଥ ପଣ୍ଡା ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ସ୍ଥାନୀୟ କୁନି କଳାକାର ଓ ରାଜ୍ୟ ସଂସ୍କୃତି ପରିଷଦ ଦ୍ୱାରା ଉତ୍କଳ କନ୍ୟା ପାଇକ ଆଖଡ଼ା, କ୍ରିଷ୍ଣା ଡ୍ୟାନ୍ସ ଗ୍ରୁପ, କିଙ୍ଗ୍ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଚଳଚ୍ଚିତ୍ର ଅଭିନେତ୍ରୀ ଦିବ୍ୟା ମହାନ୍ତିଙ୍କ ଉପସ୍ଥିତି ଦର୍ଶକଙ୍କୁ ବିଭୋର କରିଥିଲା। ସେ ଦର୍ଶକଙ୍କୁ ତାଙ୍କ ନୃତ୍ୟ ସଂଗୀତରେ ଝୁମାଇଥିଲେ। ସୁଧାଙ୍କର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# କଳାକାର ଭତ୍ତା ପାଇଁ ଦାବିପତ୍ର

**ଯାଜପୁରଟାଉନ,୨୯।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

କଳାକାର ଭତ୍ତା ପାଇଁ ଗୁରୁବାର ବରୀ ବ୍ଲକର ୨୦ରୁ ଊର୍ଦ୍ଧ୍ୱ କଳାକାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଗତ ଡିସେମ୍ବରରେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିସହିତ ୨ ହଜାର ଟଙ୍କା ପରିବର୍ତ୍ତେ ୩ ହଜାର ଟଙ୍କା କଳାକାର ଭତ୍ତା ପ୍ରଦାନ କରିବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମାଧବ ଚନ୍ଦ୍ର ସେଠୀ, ଭିକାରୀ ଚରଣ ସାହୁ, ଜଟାଧାରୀ ମାଝୀ, ଚିତ୍ତରଞ୍ଜନ ମହାନ୍ତି, ପ୍ରମିଳା ପଣ୍ଡା, ନିରଞ୍ଜନ ଦାଶ, ସୀତାକାନ୍ତ ନାଥଶର୍ମା ଓ ରବୀନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଳାକାରମାନେ।

# ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ଯାଜପୁରରୋଡ୍,୨୯।୧ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୯ନଂ. ୱାର୍ଡ କନ୍ହେଇପୁର ମହାବୀର କଲୋନୀର ଏକ ଭଡ଼ାଘରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ତୃତୀୟ ବର୍ଷ ଛାତ୍ରୀ ସ୍ୱର୍ଗତ ଅମୂଲ୍ୟ ପାଣିଙ୍କ ଝିଅ ଐଶ୍ୱର୍ଯ୍ୟା ପାଣି (୧୬)। ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ଘଟଣାକୁ ନେଇ ସାଧାରଣରେ ନାନା କଳ୍ପନା ଜଳ୍ପନା ସୃଷ୍ଟି ହେଉଛି। ଛାତ୍ରୀ ଜଣଙ୍କ ନିଜ ଓଢଣୀ ସାହାଯ୍ୟରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବାଥିବା ବେଳେ ତାଙ୍କ ନିକଟରୁ ଏକ ସୁସାଇଡ୍ ନୋଟ୍ ମିଳିଛି। ଯାଜପୁରରୋଡ୍ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ବୁଧବାର ରାତି ୮ଟାରେ ଛାତ୍ରୀ ଜଣଙ୍କ ଶୋଇବା ଘର କବାଟ ଖୋଲା କରି ଫ୍ୟାନରେ ନିଜ ଓଢ଼ଣୀ ସାହାଯ୍ୟରେ ଝୁଲି ପଡ଼ିଥିଲେ। ତାଙ୍କ ପରିବାର ଲୋକ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ଛାତ୍ରୀ ଜଣଙ୍କ ନିଜ ମା’ ଓ ଭଉଣୀଙ୍କ ସହ ଉକ୍ତ ଭଡ଼ା ଘରେ ରହୁଥିଲେ। ଏନେଇ ଥାନାରେ ନଂ.୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣା ସମ୍ପର୍କରେ ଥାନାଧିକାରୀ ଆଶିଷ ସାହୁଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ୭ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ: ଯୁବକ ଗିରଫ

**କାଏମା,୨୯।୧(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଅଞ୍ଚଳରେ ଜଣେ ୭ ବର୍ଷର ନାବାଳିକାଙ୍କୁ ପଡ଼ୋଶୀ ଘରର ଜଣେ ଯୁବକ ଅସଦଆଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଚହଟା ଗ୍ରାମର ସିପୁ ସେଠୀ (୨୫)। ବୁଧବାର ସନ୍ଧ୍ୟାରେ ଏକୁଟିଆ ଥିବା ନାବାଳିକାଙ୍କୁ ଯୁବକ ଜଣକ ଅସଦାଚରଣ କରିଥିଲେ। ଏସମ୍ପର୍କରେ ନାବାଳିକା ତାଙ୍କ ମା’ଙ୍କୁ ଜଣାଇଥିଲେ। ଏହାପରେ ନାବାଳିକାଙ୍କ ପରିବାର ଲୋକେ ଗୁରୁବାର ସକାଳେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୦/୨୬ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଯାତ୍ରା ନାଟ୍ୟ ମଣ୍ଡପ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ୪ ଆହତ



ଓଲଟି ପଡ଼ିଥିବା ଟ୍ରକ୍।

**ପାଣିକୋଇଲି,୨୯।୧(ବିକାଶ ଚନ୍ଦ୍ର ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁରଠାରେ ଯାତ୍ରା ନାଟ୍ୟମଣ୍ଡପର ଏକ ଟ୍ରକ୍ ଗୁରୁବାର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ଚାଳକ ସମେତ ୪ ଜଣ ଆହତ ହୋଇଛନ୍ତି। ଆହତ ଚାଳକଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ରୋଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ ତିନିଜଣ ବାଲିକୁଦା ଥାନା ଅଞ୍ଚଳର ଠୁଲରଞ୍ଜନ ନାୟକ (୬୦), ବାସୁଦେବପୁର ଥାନା ଅଞ୍ଚଳର ମୁରଲୀଧର ବିଶ୍ୱାଳ(୫୬) ଓ ବଡ଼ଚଣା ଥାନା ଅଞ୍ଚଳର ପ୍ରଫୁଲ୍ଲ ବାରିକ(୫୨)ଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁଠାରେ ନାଟ୍ୟମଣ୍ଡପ ଯାତ୍ରା ପରିବେଷଣ କରୁଥିଲା। ଯାତ୍ରା ସରିବା ପରେ ଟ୍ରକ ବଡ଼ବିରୁହାଁରୁ ପାର୍ଟିର ସମଗ୍ରୀ ନେଇ ଆସୁଥିଲା। ବଡ଼ବିରୁହାଁ ହାଟସାହି ରାସ୍ତାର ଗୋଳେଇପୁର ନିକଟରେ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଟ୍ରକରେ ଥିବା ୪ ଜଣ ଭିତରେ ରହିଯାଇଥିଲେ। ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଭାପତି ଅଶୋକ ଦାସ ସହଯୋଗୀଙ୍କ ସହ ମିଶି ସେମାନଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ପାର୍ଟିମାଲିକ ରାଣୀ ପଣ୍ଡା ପହଞ୍ଚି ସେମାନଙ୍କୁ ଭେଟିଥିଲେ।

# ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଟ୍ରକ ଜଳିଗଲା

**ଚଣ୍ଡିଖୋଲ/ବଡ଼ଚଣା,୨୯।୧(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ଯାଜପୁର ଜିଲା ଚଣ୍ଡିଖୋଲ ଫାଣ୍ଡି ଅଧୀନ ୧୬ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଧାନ ମଣ୍ଡଳ-ସୁଙ୍ଗୁଡା ମୁସଲିମ ସାହି ନିକଟ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ୧୪ ଚକିଆ ଟ୍ରକ ବୁଧବାର ରାତିରେ ଜଳି ଯାଇଥିବା ସୂଚନା ମିଳିଛି। ସୁଙ୍ଗୁଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଏହି ଟ୍ରକକୁ ଡ୍ରାଇଭର ରାସ୍ତା କଡରେ ରଖି ଘରକୁ ଯାଇଥିଲେ। ରାତିରେ ଟ୍ରକ ଜଳୁଥିବା ପାଖପଡ଼ିଶା ଦେଖି ଡାକ ପକାଇବାରୁ ସାହି ଲୋକେ ଜମା ହୋଇଥିଲେ। ନିଆଁ ତାପ ଅଧିକ ଥିବାରୁ ଲିଭାଇବା କଷ୍ଟକର ହୋଇପଡ଼ିଥିଲା। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଟ୍ରକର ଆଗ ଅଂଶ ସମ୍ପୂର୍ଣ୍ଣ ଜଳିଯାଇଥିଲା। ନିଆଁ ଲିଭା ଯାଇ ନ ଥିଲେ ବଡ଼ ଦୁର୍ଘଟଣା ଘଟିଥାନ୍ତା। କାରଣ ଜଳୁଥିବା ଟ୍ରକ୍‌ଠାରୁ କିଛି ଦୂରରେ ଆଉ ୪ ଟି ଟ୍ରକ ରହିଥିଲା। ଗାଡ଼ି ମାଲିକଙ୍କ କହିବା ଅନୁଯାୟୀ, ତାଙ୍କ ଗାଡ଼ି ଲକଥିଲା। ମାତ୍ର ଜଳିଲା ବେଳେ ଦ୍ୱାର ଖୋଲାଥିଲା। କେହି ଶତ୍ରୁତାରୁ ନିଆଁ ଲଗାଇ ଦେଇଥିବା ସେ ସନ୍ଦେହ କରିବା ସହ ଚଣ୍ଡିଖୋଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

# ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ମେଳା ଆରମ୍ଭ

## ସହରର ଭାଇଚାରା ପ୍ରତିଷ୍ଠା ପାଇଁ ବ୍ୟାସ ମାରାଥନ

**ଯାଜପୁରରୋଡ୍,୨୯।୧ (ପବିତ୍ର ରଞ୍ଜନ ମହାନ୍ତି):**

ଭୈମ୍ୟଏକାଦଶୀ ତିଥି ଅବସରରେ ଗୁରୁବାର ପୁରାଣ ପ୍ରସିଦ୍ଧ ବ୍ୟାସସରୋବର ମେଳା ଆରମ୍ଭ ହୋଇଛି। କାହିଁ କେଉଁ ଆବାହମାନ କାଳରୁ ଏହି ପୀଠରେ ମେଳା ଅନୁଷ୍ଠିତ ହୋଇଆସୁଛି। ପୀଠରେ ଭଗବାନ ବ୍ୟାସଦେବ ଏବଂ ତାଙ୍କ ଶିଷ୍ୟ ସିଦ୍ଧ ମହାପୁରୁଷ ରାଘୁଜୀ ଗୋସାଇଁଙ୍କ ପୂଜାର୍ଚ୍ଚନା କରାଯାଉଛି। ପ୍ରାତଃ ସମୟରୁ ମହିଳାପୁରୁଷ ଶ୍ରଦ୍ଧାଳୁ ପୀଠକୁ ଆସି ଏକାଦଶୀ ବ୍ରତ ପାଳନ କରିଛନ୍ତି। ପୀଠରେ ଥିବା ଗୁପ୍ତ ଗଙ୍ଗାରୁ ପାଣି ସିଞ୍ଚନ କରି ରାଘୁଜୀ ଗୋସାଇଙ୍କୁ ଦର୍ଶନ କରିଛନ୍ତି। ମେଳା ସ୍ଥଳରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ମହାପୁରୁଷଙ୍କ ସମାଧି ମନ୍ଦିରରେ ଶ୍ରଦ୍ଧାଳୁ ଭୋଗରାଗ କରିବା ସହ ଦୀପଜାଳି ପରିବାରର ମଙ୍ଗଳ କାମନା କରିଛନ୍ତି।


ବ୍ୟାସ ସରୋବର ମେଳା ଅବସରରେ ଅନୁଷ୍ଠିତ ମାରାଥନ୍‌କୁ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ବ୍ୟାସନଗର ପୌରପରିଷଦର ପକ୍ଷରୁ ପ୍ରତିବର୍ଷ ଏହି ମେଳାକୁ ମହୋତ୍ସବ ଭାବେ ପାଳନ କରାଯାଇଆସୁଅଛି। ଏହି ମେଳା ୧୧ ଦିନବ୍ୟାପି ଅନୁଷ୍ଠିତ ହେବ। ସନ୍ଧ୍ୟାରେ ମହୋତ୍ସବ ଉଦ୍‌ଘାଟିତ ହୋଇଛି।

ଏହି ପରିପ୍ରେକ୍ଷୀରେ ସହରର ଭାଇଚାରା ରକ୍ଷା କରିବା ପାଇଁ ଏକ ଗଣଦୌଡ ସକାଳ ୭ଟାରେ ଅନୁଷ୍ଠିତ ହୋଇଥିଲା। ଗଣଦୌଡ଼କୁ ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଓ ଯାଜପୁରରୋଡ୍ ଥାନାଧିକାରୀ ଆଶିଷ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ପ୍ରଦୀପ ପାଢ଼ୀଙ୍କ ସମେତ କାଉନସିଲରମାନେ ଯୋଗ ଦେଇଥିଲେ। ଗଣଦୌଡ଼ ରାଜୀବ ଗାନ୍ଧୀ ଷ୍ଟାଡିୟମଠାରୁ ଆରମ୍ଭ ହୋଇ ବ୍ୟାସ ସରୋବରରେଠାରେ ସମାପନ ହୋଇଥିଲା। ଗଣଦୌଡ଼ରେ ବିଭିନ୍ନ ଅଞ୍ଚଳର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଯୋଗ ଦେଇଥିଲେ। ଚଳିତ ବର୍ଷ ଏହି ବ୍ୟାସ ସରୋବର ମହୋତ୍ସବ ବିଶେଷ ଆକର୍ଷଣ ହେବ ବୋଲି ପୌର ପରିଷଦ ପକ୍ଷରୁ କୁହାଯାଇଛି।

# ପିଲାଙ୍କୁ ଖରାରେ ବସାଇ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପାଳନ

**ରାଜକନିକା ଆଦର୍ଶ ବିଦ୍ୟାଳୟ**

## ଛାତ୍ରୀଛାତ୍ର, ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ

ରାଜକନିକା,୨୯।୧(ସଞ୍ଜୟ କୁମାର ଦାଶ)

ରାଜକନିକା ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ସ୍ଥାନୀୟ ରାଜକନିକା ଆଦର୍ଶ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହେଲେ ପିଲାମାନଙ୍କୁ ଖରାରେ ବସାଇ କାର୍ଯ୍ୟକ୍ରମ କରାଯାଇଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ପାଇଁ ବିଦ୍ୟାଳୟକୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଗାଇଡ୍ ଶିକ୍ଷକଙ୍କ ସହ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗ ଦେଇଥିଲେ। ମାତ୍ର ଏହି କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ପରିସରରେ ପ୍ରତିଯୋଗୀମାନଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ବାରଣ୍ଡାରେ ମଞ୍ଚ କରାଯାଇ ସଭା ଆୟୋଜନ ହୋଇଥିଲା। ଅତିଥିମାନେ ସେହି ବାରଣ୍ଡା ସଭାସ୍ଥଳରେ ଭାଷଣ ଦେଉଥିବାବେଳେ ଛାତ୍ରୀଛାତ୍ରମାନଙ୍କୁ ଖରାରେ ବସାଇବାର ବ୍ୟବସ୍ଥା କରାଯାଇଥିଲା। ଏପରି ଅବ୍ୟବସ୍ଥା କେତେଜଣ ଗାଇଡ୍ ଶିକ୍ଷକ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ବି ଉକ୍ତ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ କୌଣସି ଫରକ ପଡି ନ ଥିଲା। ଛାତ୍ରୀଛାତ୍ରଙ୍କୁ ଖରାରେ ବସାଇ ଅତିଥିମାନେ ଭାଷଣ ଦେବାରେ ବ୍ୟସ୍ତ ଥିଲେ ବି ପ୍ରତିଯୋଗିତାରେ ଭାଗନେବାକୁ ଯାଇଥିବା ଛାତ୍ରୀଛାତ୍ରମାନେ ଘଣ୍ଟା ଘଣ୍ଟା ଧରି ଖରାରେ ବସି ରହିଥିଲେ ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା କରୁଛନ୍ତି। ଏଥିପାଇଁ ବହୁ ଅର୍ଥ ଖର୍ଚ୍ଚ ହେଉଛି। ହେଲେ ଛାତ୍ରୀଛାତ୍ର କାହିଁକି ଘଣ୍ଟା ଘଣ୍ଟା ଖରାରେ ବସିବେ ବୋଲି ଅଭିଭାବକମାନେ କହିଛନ୍ତି। ଏହାବାଦ୍ ଖରାରେ ବସିଥିବା ଛାତ୍ରୀଛାତ୍ରମାନେ କୁଇଜ୍ ପ୍ରତିଯୋଗିତାରେ କିପରି ଭଲ ପ୍ରଦର୍ଶନ କରିବେ ବୋଲି ଅଭିଭାବକମାନେ କହିଛନ୍ତି। ଏପରି ଅବ୍ୟବସ୍ଥା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକମାନେ ଦାବି କରିଛନ୍ତ। ଏ ସମ୍ପର୍କରେ ବିଇଓ ରତିକାନ୍ତ ସେନାପତିଙ୍କୁ ଅଭିଭାବକମାନେ ଜଣାଇବାରେ ଆମେ କେବଳ ଉଦ୍ଘାଟନ ପାଇଁ ପିଲାଙ୍କୁ ବାହାରେ ବସାଇଥିଲୁ ଓ ପରେ ଘର ଭିତରେ ପ୍ରତିଯୋଗିତା କରିଥିଲୁ ବୋଲି ଅଭିଭାବକମାନେ କହିଛନ୍ତି।



ରାଜକନିକା ଆଦର୍ଶ ବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତାରେ ଭାଗ ନେବାକୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଖରାରେ ବସାଇ ଦିଆଯାଇଛି।

# ନିର୍ମାଣ ହେଲା ରାସ୍ତା, ଗ୍ରାମବାସୀ ଆଶ୍ୱସ୍ତ

ଡେରାବିଶ, ୨୯।୧ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ଅନ୍ତର୍ଗତ ବହୁ ପ୍ରତୀକ୍ଷିତ ସଲାରୋ ଗ୍ରାମ୍ୟ ରାସ୍ତା ନିର୍ମାଣ ହୋଇଥିବା ବେଳେ ଗ୍ରାମବାସୀ ଆଶ୍ୱସ୍ତ ଲାଭ କରିଛନ୍ତି। ଏହି ରାସ୍ତାଟି ପ୍ରାୟ ୩ ପଞ୍ଚାୟତର ଦୈନନ୍ଦିନ ଯାତାୟାତ ପଥ ଥିବାବେଳେ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ୨୫ବର୍ଷ ପୂର୍ବେ ଏହି ରାସ୍ତାଟି ପିଚୁ ହୋଇଥିବାବେଳେ ୧୦ବର୍ଷ ପୂର୍ବେ ପଞ୍ଚାୟତ ଦ୍ୱାରା କିଛି ମାତ୍ରାରେ ଢଳେଇ କରାଯାଇଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଉକ୍ତ ରାସ୍ତା ପ୍ରତି କେହି ଦୃଷ୍ଟି ନ ଦେବାରୁ ଏହା ଖାଲ ଖମାରେ ପରିପୂର୍ଣ୍ଣ ହୋଇ ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡ଼ିଥିଲା। ଏ ସମ୍ପର୍କରେ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ବହୁବାର ଅବଗତ କରାଯାଇଥିଲା। ତେବେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାକୁ ହାତକୁ ନିଆଯାଇଥିଲା। ବିଭାଗ ପକ୍ଷରୁ କଟିକଟା ବଜାରଠାରୁ ସଲାରୋ ମଠ ଭାୟା ନରଣପଡା, ବାଙ୍କିମୁଣ୍ଡାଇ ଓ ଚାନ୍ଦୋଳ ମେଳଣ ପଡିଆ ରାସ୍ତାରେ ସ୍ଥାନିତ କରାଯାଇ ୪ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ଅଧା କାର୍ଯ୍ୟ କରି ବସି ରହିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଏହି ରାସ୍ତାଟି ପୁନଃନିର୍ମାଣ ହୋଇଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ ଜଗନ୍ନାଥ ସାହୁଙ୍କୁ ପଚାରିବାରେ କିଛି ସ୍ଥାନରେ ବିବାଦ ଯୋଗୁ ରାସ୍ତା ହୋଇ ପାରି ନ ଥିଲା। ତାହା ଆପୋସ ସମାଧାନ ମାଧ୍ୟମରେ ଖୁବ୍‌ଶୀଘ୍ର ସମ୍ପନ୍ନ ହେବ ବୋଲି ସେ କହିଛନ୍ତି।

# ରସାବଳିର ଜିଆଇ ମାନ୍ୟତାରେ ସୌରଙ୍କ ଉଦ୍ୟମ ଅନନ୍ୟ

କେନ୍ଦ୍ରାପଡ଼ା, ୨୯।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ରସାବଳିକୁ ଜିଆଇ ମିଳିଛି। ଏଥିପାଇଁ ରସାବଳି ନିର୍ମାଣ ସଂଘର ସଭାପତି ଇଚ୍ଛାପୁର ଗ୍ରାମର ସୌରଚନ୍ଦ୍ର ସାହୁଙ୍କ ଉଦ୍ୟମ ଅନନ୍ୟ ବୋଲି ଗୁରୁବାର ଅନୁଷ୍ଠିତ ସ୍ମୃତି ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଗତ ୧୭ ତାରିଖରେ ସୌରଙ୍କ ପରଲୋକ ହୋଇଥିଲା। ଦ୍ୱାଦଶାହ ତିଥି ଅବସରରେ ଇଚ୍ଛାପୁର ରଥଦାଣ୍ଡରେ ସଂଘ ସମ୍ପାଦକ ବଳରାମ ସାହୁଙ୍କ ଅଧ୍ୟକ୍ଷତାରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡିତ ହୃଷୀକେଶ ରଥ, ଭାଜପା ନେତା ଭୁବନ ମୋହନ ଜେନା, ସାହିତ୍ୟିକ ସରୋଜ ମହାନ୍ତି, ଗବେଷକ ନିରଞ୍ଜନ ମେକାପ, ଗିରିଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଓଡ଼ିଶାର ଅସ୍ମିତା ରସାବଳି ପାଇଁ ନିର୍ମାତା ସଂଘର ସଭାପତି ତଥା ଶ୍ରୀବଳଦେବଜୀଉ ମନ୍ଦିର ଅମଣିଆ ଭୋଗ ବିକ୍ରେତା ସୌରଚନ୍ଦ୍ରଙ୍କ ନେତୃତ୍ୱ ସର୍ବଦା ମନେରହିବ। ସେହିପରି ଶ୍ରଦ୍ଧାଳୁଙ୍କ ସେବା ତାଙ୍କର ପରମ କର୍ତ୍ତବ୍ୟ ଭାବେ ସେ କାର୍ଯ୍ୟନିର୍ବାହ କରୁଥିଲେ। ତାଙ୍କ ପରି ବ୍ୟକ୍ତିଙ୍କ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଏହି ସ୍ମୃତିସଭାରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାକୁ ଦୀପକ ସାହୁ, ସନ୍ଦୀପ ସାହୁ, କ୍ରିଷ୍ଣା ସାହୁ, ପ୍ରଶାନ୍ତ ସାହୁ, ଗୌତମ ସାହୁ ପ୍ରମୁଖ ପରିଚାଳନା କରିଥିଲେ।


ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

# ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ


ବାଘବୁଦା ପଞ୍ଚାୟତରେ ଭାଜପା ପକ୍ଷରୁ ଆହୂତ ବୈଠକରେ ନେତା ଓ କାର୍ଯ୍ୟକର୍ତ୍ତା।

ରାଜକନିକା, ୨୯।୧
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ପଞ୍ଚାୟତ ନିର୍ବାଚନ ଶୀଘ୍ର ହେବା ନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଏହିକ୍ରମରେ ଆଳି ନିର୍ବାଚନମଣ୍ଡଳୀର ରାଜକନିକା ବ୍ଲକ ଅନ୍ତର୍ଗତ ସଦର ବାଘବୁଦା ପଞ୍ଚାୟତରେ ବୁଧବାର ସନ୍ଧ୍ୟାରେ ପଞ୍ଚାୟତ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତ୍ରୀ ଜିତା ଦାସଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ସନ୍ତୋଷ କରଙ୍କ ସଂଯୋଜନାରେ ଆୟୋଜିତ କର୍ମୀ ସମ୍ମିଳନୀରେ ବକ୍ତା ଭାବେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସ, ଯୁବନେତା ନୀହାର ରଞ୍ଜନ ସ୍ୱାଇଁ ଓ ଯୁବନେତା ଦିଲୀପ ସାମଲ ପ୍ରମୁଖ ଯୋଗଦେଇଥିଲେ। କର୍ମୀମାନଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟ ଭାଜପା ସରକାରଙ୍କ ଲୋକାଭିମୁଖୀ ଜନ କଲ୍ୟାଣ ଯୋଜନଗୁଡ଼ିକୁ ୱାର୍ଡ ୱାଇଜ୍ ପ୍ରତ୍ୟେକ ଘରେ ପହଞ୍ଚାଅ, ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କର, ଦଳକୁ ମଜଭୁତ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ସମର୍ଥିତ ପ୍ରାର୍ଥୀମାନଙ୍କୁ ଜିତାଇବାକୁ କୁହାଯାଇଥିଲା। ଏହାବାଦ୍ କର୍ମୀମାନଙ୍କ ମନୋବଳ ବଢ଼ାଇବା ସହ ପଞ୍ଚାୟତକୁ ଭ୍ରଷ୍ଟାଚାର ମୁକ୍ତ କରି ନଂ. ୧ ପଞ୍ଚାୟତ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ମନୋରଞ୍ଜନ ସାହୁ, ନଟବର ବଳ, ମାନସ ବିଶ୍ୱାଳ, ଜିତେନ୍ଦ୍ର ଜେନା, ସୁଶାନ୍ତ ନାୟକ, ମିର୍ଜା କାଲାବାବୁ, ଉତ୍କଳମଣି ବେହେରା, ଭରତ ମଳିକ, ରମାକାନ୍ତ ଜେନା, କାହ୍ନୁ ଦଳେଇ, ରାମ ଅନିମେଷ ଜେନା, ହିମେଶ ଜେନା, ଉମାରାଣୀ ନାୟକ, ଶ୍ରୀକୃଷ୍ଣ ନାୟକ, ସାଗର ନାୟକ, ରାଜନ ବାରିକଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଯୁବନେତା ଅମର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଖଣ୍ଡା ଧରି ରାସ୍ତାରେ ଦମ୍ପତିଙ୍କୁ ଗୋଡ଼ାଇଲେ ଯୁବକ

ପାରାଦୀପ,୨୯।୧(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ନୂଆବଜାର ଏ-ଟାଇପ୍ ଛକରେ ଗୁରୁବାର ରାତି ୮ଟା ୩୦ରେ ଅଭାବନୀୟ ଘଟଣା ଘଟିଛି। ଧାର୍ ଦେଇଥିବା ୫ ହଜାର ଟଙ୍କା ମାଗିବାକୁ ନେଇ ୨ ପରିବାର ମଧ୍ୟରେ ସଂଘର୍ଷ ଘଟିଛି। ଏହା ପୋର୍ଟ କ୍ୱାର୍ଟର୍ସ ଭିତରୁ ଆରମ୍ଭ ହୋଇ ଛକ ପର୍ଯ୍ୟନ୍ତ ଯାଇଥିଲା। ଗୋଟିଏ ପରିବାରର ଜଣେ ଯୁବକ ଏକ ଖଣ୍ଡା ଧରି ପ୍ରତିପକ୍ଷ ଦମ୍ପତିଙ୍କୁ ଆକ୍ରମଣ କରିଥିଲେ। ଦୁଇ ପକ୍ଷରୁ ୨ ଜଣ ଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆହତଙ୍କୁ ତାଙ୍କ ସମ୍ପର୍କୀୟମାନେ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଉଛନ୍ତି।

# କୁଦାନଗରୀ ଥାନା ନୂଆ କାର୍ଯ୍ୟାଳୟ ଉଦ୍‌ଘାଟିତ

ପାଟକୁରା,୨୯।୧(ରବୀନ୍ଦ୍ର ନାଥ ବାରିକ )

ଗରଦପୁର ବ୍ଲକ୍ ଅଧୀନ କୁଦାନଗରୀ ଥାନାର ନବନିର୍ମିତ କାର୍ଯ୍ୟାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭାରପ୍ରାପ୍ତ ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ସବ୍‌ଇନ୍ସପେକ୍ଟର କୈଳାସ ଚନ୍ଦ୍ର ପରିଡା, ସବ୍ ଇନ୍ସପେକ୍ଟର ସୁନିତା ବେହେରା, ଏଏସ୍‌ଆଇ କାଳିଦାସ ହେମ୍ବ୍ରମଙ୍କ ସମେତ ଥାନାର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବତନ ଭାରପ୍ରାପ୍ତ ଅଧିକାରିଣୀ ଅମ୍ବିକା ଦାଶ, ପାଟକୁରା ଥାନା ଅଧିକାରୀ ମହମ୍ମଦ ଜାମସେଦ, ଭାଜପା ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡା, ଭାଜପା ମିଡ଼ିଆ ସେଲ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅବିଭକ୍ତ ପାଟକୁରା ଥାନାରୁ ପୃଥକ୍ ହୋଇ କୁଦାନଗରୀ ଥାନା ୯।୧୧।୨୦୨୩ରେ ଏକ ଅସ୍ଥାୟୀ ଗୃହରେ କାର୍ଯ୍ୟକ୍ଷମ ଥିଲା। ଗୁରୁବାରଠାରୁ ନୂତନ କାର୍ଯ୍ୟାଳୟରୁ ଥାନାର ସମସ୍ତ କାର୍ଯ୍ୟ ଆରମ୍ଭ ହେବ। ଥାନା ଅଧୀନରେ ତେଣ୍ଡାକୁଡ଼ା, ପଳଶୁଧା, ତଳକୁସୁମା, ବନ୍ତଳା, ମଧୁଶାସନ, କଳାବୁଦା, ସାନଅଢଙ୍ଗା, ବଡବେତରା, ଭଗବାନପୁର, ଟୀକନପୁର, ନଡ଼ିଆବରେଇ, ବଙ୍ଗାଳପୁର, ଯମପଡା, କରିଲପାଟଣା, ଆଇତିପୁର ଓ ଜଳପୋକ ପଞ୍ଚାୟତ ସ୍ଥାନ ପାଇଛି।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଡେରାବିଶ,୨୯।୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ମହାବିଦ୍ୟାଳୟର ଯୁକ୍ତ ୩ ଶ୍ରେଣୀ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ଗତ ସପ୍ତାହରେ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅଧ୍ୟାପକ ନଗେନ୍ଦ୍ର ନାଥ ପାଣି, ଗୁରୁଚରଣ ସେଠୀ, ସଞ୍ଜୟ କୁମାର ମିଶ୍ର, ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ, ସ୍ୱର୍ଣ୍ଣଲତା ମିଶ୍ର ଓ ପ୍ରଜ୍ଞା ପାରମିତା ରାଉତରାୟ ଯୋଗଦେଇଥିଲେ। ସେମାନେ ଏହି ପ୍ରଶିକ୍ଷଣ ଶିବିର ନାରୀଶକ୍ତିକୁ ସୁଦୃଢ଼ କରିବା ସହ ଏକ ଭୟମୁକ୍ତ ସୁରକ୍ଷିତ ସମାଜ ଗଠନ ହେବା ନେଇ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଶିବିର ସଂଯୋଜିକା ଅଧ୍ୟାପିକା ଡ.ରୁଦ୍ରାଣୀ ପଟ୍ଟନାୟକ ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଯୁକ୍ତ ୩ ପ୍ରଥମ ବର୍ଷର ୧୦୩ ଛାତ୍ରୀ ଅଂଶଗ୍ରହଣ କରି ପ୍ରଶିକ୍ଷିକା ସୌଦାମିନୀ ପାଗଳ ଓ ସ୍ମିତିପ୍ରଜ୍ଞା ଖଣ୍ଟିଆଙ୍କଠାରୁ ବିଭିନ୍ନ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ନେଇଥିବା ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ପ୍ରଶିକ୍ଷାର୍ଥୀ ଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉତ୍ସବ ଶେଷରେ ଅଧ୍ୟାପିକା ସୁହାସିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।



ଶିବିରରେ ଯୋଗଦେଇଥିବା ଅତିଥି ।

# ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଗ୍ରହଣ କଲେ ସ୍କୁଲ୍‌ର ପରିଚୟ ସୃଷ୍ଟି ହୁଏ


ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ପୋଖରିଆପଡ଼ା ନୋଡାଲ ଉପ୍ରା ସ୍କୁଲ୍‌ର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୨୯।୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡ଼ା ନୋଡାଲ ଉପ୍ରା ସ୍କୁଲ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପୋଖରୀଆପଡ଼ା ନୋଡାଲ ଉପ୍ରା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ କୁମାରୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଗ୍ରହଣ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପୋଖରୀଆପଡା ନୋଡାଲ ଉପ୍ରା ସ୍କୁଲ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବାକୁ ବିଧାୟକ ଘୋଷଣା କରିଥିଲେ। ଉତ୍ସବରେ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଏବିଇଓ ସୁନିତୀ ଦାଶ, ସିଆର୍‌ସିସି ମଳୟ ଜେନା, ଶିକ୍ଷାବିତ୍ ବିଜୟ ରାଉତ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ପୂର୍ବତନ କାଉନସିଲର ଲୋକନାଥ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ ବେହେରା, ପୂର୍ବତନ ସଭାପତି ହରଗୋବିନ୍ଦ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ମନୋରଞ୍ଜନ ଦାସ ସ୍ୱାଗତଭାଷଣ ଓ ସହକାରୀ ଶିକ୍ଷକ ଅଜୟ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁଜାତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଓ ଅନ୍ୟ ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।

# କେନ୍ଦ୍ରାପଡ଼ାରେ ବିଶାଳ ହିନ୍ଦୁ ସମ୍ମିଳନୀ

କେନ୍ଦ୍ରାପଡ଼ା,୨୯।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ନିଳିକଣାସ୍ଥିତ ଚେମା ଦାସ ମଠ ପଡ଼ିଆରେ ୩ଦିନ ଧରି ଚାଲିଥିବା ବିଶାଳ ହିନ୍ଦୁ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ସମ୍ମିଳନୀକୁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଜୀ ଉଦ୍‌ଘାଟନ କରିଥିବାବେଳେ ଅଖିଳ ଭାରତ ଧର୍ମ ଜାଗରଣ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଥିଲା। ଏଥିରେ ମହନ୍ତ ରାମକୃଷ୍ଣ ଦାସମହାରାଜ, ତ୍ରୈଲୋକ୍ୟଶ୍ୱର ଭାରତୀ ମହାରାଜ, ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ମହନ୍ତ ବିଶ୍ୱନାଥ ଦାସମହାରାଜ, ସର୍ବେଶ୍ୱର ବେହେରା, ଆଲୋକ କୁମାର ଖଟୁଆ, ପଣ୍ଡିତ ହୃଷୀକେଶ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଭାରତ ରାଷ୍ଟ୍ର ତଥା ହିନ୍ଦୁ ସମାଜର ଅଭ୍ୟୁତ୍ଥାନରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଭୂମିକା, ପରିବାର ପ୍ରବୋଧନ, ପର୍ଯ୍ୟାବରଣ, ସ୍ୱଭାବ ଓ ନାଗରିକ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହାକୁ ହିନ୍ଦୁ ସମାଜର ସଭାପତି ପ୍ରସନ୍ନ ହୋତା, ଉପସଭାପତି ଖଗେଶ୍ୱର ଲେଙ୍କା, କୋଷାଧ୍ୟକ୍ଷ ଶଶାଙ୍କ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।


ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି।

# ଦାମୋଦର ମେମୋରିଆଲ ଫୁଟ୍‌ବଲ: ସେମିରେ ଗୋଲାଡିଆ

ରାଜକନିକା,୨୯।୧( ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଓଳାଭର ଆଥେଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଓ କ୍ରୀଡ଼ାବିତ ଦାମୋଦର ମଲ୍ଲିକଙ୍କ ପରିବାର ସହଯୋଗରେ ସ୍ଥାନୀୟ କାଳୀ ପଡ଼ିଆଠାରେ ଦାମୋଦର ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଖେଳ କିଷାନ କ୍ଲବ୍ ଗୋଲାଡ଼ିଆ, ଚାନ୍ଦବାଲି ବନାମ ଜେଏସସି ଜାଗୁଲାଇପଡ଼ା ମଧ୍ୟରେ ହୋଇଥିଲା। ଏଥିରେ ଗୋଲାଡ଼ିଆ ୩-୦ ଗୋଲରେ ବିଜୟ ଲାଭ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଖେଳରେ ଅତିଥି ଭାବେ ବଳରାମପୁର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା, ପୂର୍ବତନ ଫୁଟ୍‌ବଲ ଖେଳାଳି ଅବଦୁଲ ଆଲାମ ଓ ସୁଧୀର ଚନ୍ଦ୍ର ପଳାଇ, ଦାମୋଦରଙ୍କ ପୁତ୍ର ସୁଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜେତା ଦଳର ଏ. ଅଲ୍ଲିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

ଏହି ଅବସରରେ ଆସୋସିଏଶନର ସଭାପତି ଅରୁଣ କୁମାର ବାରିକ, ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ନାଥ, ସମ୍ପାଦକ ପ୍ରୟାଗ ନାୟକ,ସଞ୍ଜୟ ପୃଷ୍ଟି, ସେକ ହାସୀମ, ରାଖାଲ ଦେ, ମନୋରଞ୍ଜନ ବିହାରୀ, ନିରାକାର ସାମଲ, ମାନସ ନାୟକ, ସୁବ୍ରତ ସାହୁ ଓ ସୁମନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେକ ସଲିମ ଶରତ ଜେନା, ସଞ୍ଜୟ ନାୟକ, ଶିବ ପ୍ରସାଦ ମଲ୍ଲିକ ଖେଳ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ମା’ବାପାଙ୍କ ମହତ୍ତ୍ୱାକାଂକ୍ଷା ପିଲାଙ୍କ ମାନସିକ ଚାପର କାରଣ

## ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୨୯।୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ତତ୍ତ୍ୱାବଧାନ ଓ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁଙ୍କ ପୌରୋହିତ୍ୟରେ ପ୍ରାଣୀବିଜ୍ଞାନ କକ୍ଷରେ ଆୟୋଜିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ମାର୍ଗଦର୍ଶକ ଭାବେ ଯୋଗଦେଇ ‘ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଓ ସୁଯୋଗ’ ଶୀର୍ଷକ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ, ଶୈକ୍ଷିକ ବାତାବରଣ ଜାରି ରଖିବାର ସବୁବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିବାର ଲକ୍ଷଣ ଦେଖାଯାଏ। ଆଜିକାଲି ପିଲା, ଅଳ୍ପବୟସ୍କ ପାଠପଢ଼ା ଚାପର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ନେଇ ମା’ ବାପାଙ୍କ ମହତ୍ତ୍ୱାକାଂକ୍ଷା ମାନସିକ ଚାପର ଆଉ ଏକ କାରଣ। ଆଉ ଏକ ବଡ଼ ସମସ୍ୟା ଅନ୍‌ଲାଇନ୍। ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ ଜରିଆରେ ଅନେକ ଶାରୀରିକ ତଥା ମାନସିକ ଉତ୍ପୀଡ଼ନର ଶିକାର ହେଉଛନ୍ତି। ଅପରପକ୍ଷରେ, ବ୍ୟକ୍ତିଗତ ଜୀବନ ସଂଘର୍ଷ ମଧ୍ୟରେ ସମ୍ପର୍କଜନିତ ସମସ୍ୟା, ଆର୍ଥିକ ଅଭାବ ଅନଟନ ଅଥବା ପାରିବାରିକ ବିବାଦ ଇତ୍ୟାଦି ବିଦ୍ୟାର୍ଥୀ ଜୀବନକୁ ତିକ୍ତ କରିଦେଉଛି। ଯଦି ଏହାକୁ ପ୍ରତିହତ କରିବା ତା’ହେଲେ ପ୍ରତ୍ୟେକ ବିଦ୍ୟାଳୟ ଓ କଲେଜରେ ଧନ୍ଦାମୂଳକ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯିବା ସହ ସେମାନଙ୍କ ଉପରୁ ପାଠ୍ୟପୁସ୍ତକ ବୋଝ ସହିତ ପରୀକ୍ଷା ଚାପ କମାଇବାକୁ ପଦକ୍ଷେପ ନିଆଯିବା ନିତାନ୍ତ ଆବଶ୍ୟକ। ବିଦ୍ୟାଳୟ ମହାବିଦ୍ୟାଳୟ ପରିସରରେ ଶାରୀରିକ ତଥା ମାନସିକ ଉତ୍ପୀଡ଼ନ ନିଷେଧ ନିୟମକୁ କଡ଼ାକଡ଼ି ଲାଗୁ ଉପରେ ଜୋର ଦିଆଯିବା ଜରୁରୀ। ଯେଉଁ ଛାତ୍ରୀଛାତ୍ରଙ୍କର ଆର୍ଥିକ ସମସ୍ୟା ରହିଛି ସେମାନଙ୍କୁ ଆର୍ଥିକ ସହାୟତା, ମେଧାବୃତ୍ତି ପ୍ରଦାନ କରି ଏହି ସମସ୍ୟା ସରକାର ଦୂର କଲେ ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ ବୋଲି ସେ କହିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଆଇକ୍ୟୁଏସି ପୂର୍ବତନ ସଂଯୋଜକ ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ, ପଟ୍ଟାମୁଣ୍ଡାଇ କଲେଜ ପ୍ରାଣିବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସରୋଜିନୀ ମିଶ୍ର ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ରାସେଶ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଲାବରେଟୋରି ଆଟେଣ୍ଡାଣ୍ଟ ଓ ଛାତ୍ରୀଛାତ୍ରମାନେ ପରିଚାଳନା କରିଥିଲେ।


ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ସୁଧୁରୁନି ସ୍ୱାସ୍ଥ୍ୟସେବା**

# ନିଯୁକ୍ତ ହେଉନାହାନ୍ତି ଡାକ୍ତର, ଖାଲିପଡ଼ିଛି ପଦବୀ

ନୟାଗଡ଼,୨୯।୧(ଲୋକନାଥ ମିଶ୍ର)

- ଜିଲାରେ ମଞ୍ଜୁରୀ ପଦବୀ ୪୩୪
- ୧୯୭ରୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଛନ୍ତି ୧୫୦, ପିଜି କରୁଛନ୍ତି ୪୭

ରାଜ୍ୟରେ ମେଡିକାଲ କଲେଜ ବଢୁଥିବାବେଳେ ନୟାଗଡ଼ ଜିଲାରେ ଡାକ୍ତରଙ୍କ ସଂଖ୍ୟା ହ୍ରାସ ପାଇବା ଚିନ୍ତାର କାରଣ ହୋଇଛି। ଜିଲା ପାଇଁ ୪୩୪ ଡାକ୍ତର ପଦବୀ ରହିଥିବା ବେଳେ ୧୯୭ ଡାକ୍ତର ଅଛନ୍ତି। ୨୦୨୫ ବର୍ଷରେ ୨୦୧ ଜଣ ଡାକ୍ତର ଥିବାବେଳେ ୨୦୨୬ ବେଳକୁ ଏହା ୧୯୭ରେ ପହଞ୍ଚିଛି। ଅନ୍ୟପକ୍ଷେ ୧୯୭ ଡାକ୍ତର ମଧ୍ୟରୁ ୪୭ ଜଣ ପିଜି କରୁଛନ୍ତି। ସରକାରୀ ଅର୍ଥରେ ଡାକ୍ତରମାନେ ପିଜି କରି ନିଜର କ୍ୟାରିଅର କରୁଛନ୍ତି। ହେଲେ ପିଜି ୨ ବର୍ଷ, ସିନିୟର ଓ ଜୁନିଅର ରେସିଡେଣ୍ଟ ନାମରେ ୩ ବର୍ଷ ଏପରି ୫ ବର୍ଷ ପାଠପଢ଼ା ପରେ ଅଧିକାଂଶ ଚାକିରି ଛାଡୁଛନ୍ତି। ଏନେଇ ପ୍ରତିବାଦ ଉଠୁଥିଲେ ବି ସୁଫଳ ମିଳୁନି। ସବୁଠାରେ ଅଭିଯୋଗ ଶୁଣିବାକୁ ମିଳୁଛି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। କେଉଁଠି ଡାକ୍ତର ନାହାନ୍ତି ତ ଆଉ କେଉଁଠି ଡାକ୍ତର ଥାଇ ସେବା ମିଳୁନି। କେଉଁଠାରେ ଡାକ୍ତର ପାଳି କରି ଆସୁଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ପ୍ରସଙ୍ଗ ଉଠିଲେ ଅପେକ୍ଷା କର ମେଡିକାଲ କଲେଜ ସଂଖ୍ୟା ବଢ଼ିଲାଣି। ଆଗକୁ ଆଉ ଡାକ୍ତର ସମସ୍ୟା ରହିବନି। ହେଲେ ସେପରି ସମୟ ଆସୁ ନ ଥିବା ଅଭିଯୋଗ ଉଠିଲାଣି।



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ।

ଜିଲାରେ ଗୋଟିଏ ମୁଖ୍ୟ ଚିକିତ୍ସାଳୟ, ଚାନ୍ଦପୁରରେ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ, ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୬୬ ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ଆୟୁଷ ଡାକ୍ତର କିନ୍ତୁ ୪୦ରୁ ୪୦ ଅଛନ୍ତି। ସେହିପରି ଫାର୍ମାସିଷ୍ଟ ୯୯ ସ୍ଥାନରେ ୪୯ ଥିବାବେଳେ ୫୦ ପଦବୀ ଖାଲି। ଏଲ୍‌ଟି ୨୯ ସ୍ଥାନରେ ୨୦ ଥିବାବେଳେ ୯ ପଦବୀ ଖାଲି ରହିଛି। ନର୍ସିଂ ଅଫିସର ୪୪୮ରୁ ୧୩୬ ଖାଲିଥିବାବେଳେ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ୨୯୫ରୁ ୨୪ ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ୨୩୧ରୁ ୧୦୪ ଖାଲି ପଡିଛି। ସ୍ୱାସ୍ଥ୍ୟ ବିଭାଗର ତଥ୍ୟକୁ ଦେଖିଲେ କେବଳ ଡାକ୍ତର ନୁହେଁ, ଫାର୍ମାସିଷ୍ଟ, ଏଲ୍‌ଟି, ନର୍ସିଂ ଅଫିସରଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇ ଚାଲିଛି। ଡାକ୍ତର କିମ୍ବା ଅନ୍ୟ ପଦବୀ ପୂରଣ ହୋଇପାରୁନି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପୁଷ୍ପା ନିଳିମା ଲାକ୍ରା କୁହନ୍ତି, ଜିଲାରେ ୪୩୪ରୁ ୧୯୭ ଡାକ୍ତର ଅଛନ୍ତି। ଯେତିକି ଅଛନ୍ତି ସେମାନଙ୍କୁ ନେଇ କିପରି ଭଲ ସ୍ୱାସ୍ଥ୍ୟସେବା ମିଳିବ ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ଅନ୍ୟପକ୍ଷେ ପିଜି ପରେ ଡାକ୍ତରମାନେ ଚାକିରି ଛାଡିବା ନେଇ ପଚାରିଲେ, ସେ ସମ୍ପର୍କରେ କହିବା ଠିକ୍ ହେବ ନାହିଁ।

ଏନେଇ ନୟାଗଡ଼ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଦଶପଲ୍ଲାର ଭୀମସେନ ନାୟକ, ନୂଆଗାଁର ରାଜୀବ ଲୋଚନ ପ୍ରଧାନ କୁହନ୍ତି, ଡାକ୍ତରଙ୍କୁ ନିଯୁକ୍ତି ଦେଇ ପିଜି କରିବାର ସୁଯୋଗ ଦିଆଯାଉଛି। ପିଜି ଶେଷ ପରେ ସେମାନେ ଯେପରି ଚାକିରି ଛାଡି ପାରିବେନି ସେଥିପାଇଁ ନିୟମ ରହୁନି। ଏଣୁ ଡାକ୍ତର ପିଜି କରିବା ପରେ ଚାକିରି ଛାଡୁଥିଲେ ମଧ୍ୟ ସରକାର କିଛି ପଦକ୍ଷେପ ନେଇପାରୁ ନାହାନ୍ତି। ସରକାର ନିଜ ନୀତିରେ ପରିବର୍ତ୍ତନ ଆଣିବା ଜରୁରୀ ହୋଇ ପଡିଛି। ନ ହେଲେ ସ୍ୱାସ୍ଥ୍ୟସେବା ରୂପରେଖ ବଦଳିବା ପରିବର୍ତ୍ତେ ବିପର୍ଯ୍ୟସ୍ତ ହୋଇ ଚାଲିବ। ଯେତିକି ଡାକ୍ତର ଅଛନ୍ତି ସେମାନେ କିପରି ଭଲ ସ୍ୱାସ୍ଥ୍ୟସେବା ଯୋଗାଇବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉନି ବୋଲି କହିଥିଲେ।

# ଛାତ୍ରୀ ଅରୋମିରାଙ୍କ କୃତିତ୍ୱ

**ଖଣ୍ଡପଡା,୨୯।୧**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ରୟତି ଢୋଲମରା ଗ୍ରାମସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀ ଅରୋମିରା ମହାନ୍ତି ଚଳିତ ଶିକ୍ଷାବର୍ଷରେ ଭାରତୀୟ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଅଲିମ୍ପିଆଡ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ୩୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅରୋମିରା ୧୩ ନଂ ସ୍ଥାନରେ ରହିଥିବା ଜଣାପଡିଛି।

ସେହିପରି ରାଜ୍ୟସ୍ତରୀୟ ଟ୍ୟାଲେଣ୍ଟ ସ୍କଲାରସିପ୍ ୩ୟ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୨୪ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅରୋମିରା ୧୧ ନଂ. ସ୍ଥାନରେ ରହିଥିବା ଜଣାଯାଇଛି। ଏତଦ୍‌ବ୍ୟତୀତ ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସମ୍ପୃକ୍ତ ଛାତ୍ରୀ ଜଣକ ଖଣ୍ଡପଡ଼ା ବ୍ଲକସ୍ତରରେ ୯ମ ସ୍ଥାନ ଅଧିକାର କରିଥିବା ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ। ବାଲ୍ୟକାଳରୁ ପାଠପଢା ସହ ନାଚ ଗୀତ ପ୍ରତି ବିଶେଷ ରୁଚି ରଖିଥିବା ଏହି ଛାତ୍ରୀ ଜଣକ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତରେ ବେଶ ପାରିଦର୍ଶୀତା ଲାଭ କରି ବିଭିନ୍ନ ଅନୁଷ୍ଠାନରୁ ଅନେକ ପୁରସ୍କାର ହାସଲ କରିବାରେ ସମର୍ଥ ହୋଇଛନ୍ତି।


କୃତୀ ଛାତ୍ରୀ ଅରୋମିରା ମହାନ୍ତି।


ଭୈମୀ ଏକାଦଶୀ ଅବସରରେ କଣ୍ଟିଲୋ ନୀଳମାଧବଙ୍କ ପୀଠରେ ଉଠୁଥିବା ମହାଦୀପ। (ଫଟୋ: ଅଜୟ କୁମାର ମହାରଣା)

# ଦୃଷ୍ଟିବାଧିତ ବୃଦ୍ଧାଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା


ଯୋଗାଣ ଅଧିକାରୀ ବୃଦ୍ଧାଙ୍କୁ ରାଶନ କାର୍ଡ ଦେଉଛନ୍ତି।

**ଓଡ଼ଗାଁ, ୨୯।୧**
**(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଅନ୍ୟତମ ବିଚ୍ଛିନ୍ନାଞ୍ଚଳ ଭାବେ ପରିଚିତ ବାଣ୍ଟପୁର ପଞ୍ଚାୟତ ନାଣ୍ଡିଗିରି ଗାଁର ଭାଲୁ ଆକ୍ରମଣରେ ଆଖି ଦୁଇଟି ହରାଇଥିବା ଦୃଷ୍ଟିହୀନ ହେମ ଜାନୀଙ୍କୁ ମିଳିଲା ରାସନ କାର୍ଡ। ଆଧାର କାର୍ଡ ନ ଥିବାରୁ ରାଶନ କାର୍ଡ ନ ଥିଲା। ଏ ସମ୍ପର୍କରେ ଖବର ପାଇ ଓଡ଼ଗାଁ ଖାଦ୍ୟ ଯୋଗାଣ ଅଧିକାରୀ ମଳୟ ମେହେର ସମସ୍ତ ବିଷୟରେ ଅବଗତ ହେବା ପରେ ହେମଙ୍କର କେବଳ ଭୋଟ ପରିଚୟପତ୍ର ଆଧାରରେ ନିଜେ ଯାଇ ତାଙ୍କୁ ଭେଟି ରାସନ କାର୍ଡ ଦେଇଥିଲେ। କେବଳ ସେତିକି ନୁହେଁ ୨୦ କି.ଗ୍ରା.ଚାଉଳ ସହିତ ୫ ଶହ ଟଙ୍କା ହାତ ଖର୍ଚ୍ଚ ପାଇଁ ମଧ୍ୟ ନିଜେ ଦେଇଥିଲେ। ହେଲେ ଆଧାର କାର୍ଡ ନାହିଁ ବୋଲି ବର୍ଦ୍ଧିତ ଭତ୍ତା ମିଳୁ ନାହିଁ। ଦୁଇ ଆଖି ହରାଇଥିବା ହେମଙ୍କ ଆଖି ନଷ୍ଟ ହୋଇ ଯାଇଥିବାରୁ ତାଙ୍କର ଆଧାର କାର୍ଡ ହୋଇପାରୁ ନାହିଁ। ତେବେ ଏହାର ବିକଳ୍ପ ଥିଲେ ମଧ୍ୟ ନୀରିହା ଅନୁସୂଚୀତ ଜନଜାତିର ଏହି ଭିନ୍ନକ୍ଷମ ବୃଦ୍ଧାଙ୍କୁ ଏ ପର୍ଯ୍ୟନ୍ତ କେହି ସାହାଯ୍ୟ କରିବାକୁ ଆଗେଇ ଆସି ନାହାନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ହୁଏତ ହେମଙ୍କର ଆଧାର କାର୍ଡ ଓ ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଡ଼ ହୋଇପାରନ୍ତା। ତେବେ ଯାଇ ବର୍ଦ୍ଧିତ ଭତ୍ତା ପାଇଁ ହେମ ଆବେଦନ କରିବା ସହିତ ମିଳୁନଥିବା ସରକାରୀ ସାମାଜିକ କଲ୍ୟାଣ ଯୋଜନାରେ ସାମିଲ ହୋଇପାରିବେ।

# ଜୁନିଅର୍ ରେଡକ୍ରସ୍ ତରଫରୁ ପ୍ରାଥମିକ ଚିକିତ୍ସା ତାଲିମ

**ଖଣ୍ଡପଡ଼ା, ୨୯।୧**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ ପିଏମ୍‌ଶ୍ରୀ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ, ବେଣାଗାଡିଆ ପରିସରରେ ଜୁନିଅର ରେଡକ୍ରସ୍ ଓଡ଼ିଶା ତରଫରୁ ପ୍ରାଥମିକ ସହାୟତା ପ୍ରଶିକ୍ଷଣ ଶିବିର ଗୁରୁବାର ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ମହାବୀର ଜୈନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନ ସଭାରେ ଶିକ୍ଷୟିତ୍ରୀ ମୋନାଲିସା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପରିଚାଳନା କମିଟି ସଭାପତି ଗଙ୍ଗାଧର ବେହେରା ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଜିଲା ଜୁନିଅର ରେଡକ୍ରସ୍ ପ୍ରଶିକ୍ଷକ ଗୋସ୍ୱାମୀ ଦାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ୬ଷ୍ଠରୁ ୧୦ମ ଶ୍ରେଣୀର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ରିକଭରି ପୋଜିସନ, ସିପିଆର,ସାପକାମୁଡ଼ା, କୁକୁର କାମୁଡ଼ା, ବିରୁଡି କାମୁଡା, ରକ୍ତସ୍ରାବ, ଅସ୍ଥିଭଗ୍ନ, ଶ୍ୱାସରୁଦ୍ଧ, ଆମ୍ବୁଲାନ୍ସ ସହାୟତା, ଗୋଲ୍ଡେନ ଆୱାର ଓ ଗୁଡ୍ ସମରିଟନ ନିୟମ ଇତ୍ୟାଦି ବିଷୟରେ ତାଲିମ ଦିଆଯାଇଥିଲା।



ରେଡକ୍ରସ୍ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

## ବର୍ଷୀୟାନ କଳାକାରଙ୍କ ପରଲୋକ

**ଖଣ୍ଡପଡ଼ା ୨୯।୧**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହର ୧୦ ନଂ ୱାର୍ଡ ଦୋସନ୍ଦି ସାହିର ବର୍ଷୀୟାନ କଳାକାର ଲିଙ୍ଗରାଜ ରଥ (୮୯)ଙ୍କର ବୁଧବାର ପରଲୋକ ହୋଇଯାଇଛି। ଦୀର୍ଘ ମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡିତ ଥିଲେ। ରଥ ଏକାଧାରରେ ଥିଲେ ଜଣେ ନାଟ୍ୟକାର, ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ। ତାଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଅନେକ ନାଟକ ମଞ୍ଚସ୍ଥ ହୋଇଛି। ଜଣେ ମେଳାପି ବ୍ୟକ୍ତି ଭାବେ ବିଭିନ୍ନ ମହଲରେ ସେ ବେଶ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ଥାନୀୟ ମା' ଉମାଦେବୀଙ୍କ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳର କଳାକାର ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି।


ଲିଙ୍ଗରାଜ ରଥ

# ମା' ମହାମାୟୀଙ୍କ ବାର୍ଷିକ ଉତ୍ସବ


ମା' ମହାମାୟୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**ଖଣ୍ଡପଡା,୨୯।୧**
**(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ କୁମ୍ଭାରପଡା ସ୍ଥିତ ମା' ମହାମାୟୀଙ୍କ ୨ୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରଭାତ କୁମାର ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ବୁଲି ପଣ୍ଡା ଓ ଗଣେଶ ଦାଶ ପ୍ରମୁଖ ମାଙ୍ଗଳିକ କାର୍ଯ୍ୟକ୍ରମ ତୁଲାଇଥିଲେ। ପରେ ସୂର୍ଯ୍ୟପୂଜା, ମଣ୍ଡଳପୂଜା ହୋଇ ଅଗ୍ନିସ୍ଥାପନ, ଚଣ୍ଡୀପୂଜା ଓ ଶେଷରେ ଆଳତି, ପୁଷ୍ପାଞ୍ଜଳି ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ରସାନନ୍ଦ ପଣ୍ଡା ଓ ସରୋଜବାଳା ପଣ୍ଡା ଯୋଗ ଦେଇଥିଲେ।

# ଭୋଟ ଦେବା ଆମର ମୌଳିକ ଅଧିକାର

## ଭୋଟ ପାଇଁ ସଚେତନତା ପଦଯାତ୍ରା

**ନୂଆଗାଁ,୨୯।୧(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ସେବା ଉତ୍ସବ ସମିତି ଆନୁକୂଲ୍ୟରେ ନୂଆଗାଁ ବ୍ଲକ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁବାର ମାଇଁ ଭାରତ ମାଇଁ ଭୋଟ ମାଧ୍ୟମରେ ଭୋଟ ପାଇଁ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଭୋଟ ମାଧ୍ୟମରେ ସୁଯୋଗ୍ୟ ଜନ ପ୍ରତିନିଧିଙ୍କୁ ବାଛିବା ସହ ଭୋଟ ଦେବା ପ୍ରତି ନାଗରିକଙ୍କ ମୌଳିକ ଅଧିକାର। ୧୮ ବର୍ଷ ବୟସରୁ ଅଧିକ କୌଣସି ନାଗରିକ ଭୋଟ ଦେବାରୁ ବଞ୍ଚିତ ନ ହୁଅନ୍ତୁ ଏଥିପାଇଁ ସରକାର ଜନ ସଚେତନତା କରାଉଛନ୍ତି। ସେହିକ୍ରମରେ ଜାନୁଆରୀ ୨୫ ଜାତୀୟ ମତଦାନ ଦିବସ ଅବସରରେ ମାଇଁ ଭାରତ ମାଇଁ ଭୋଟ ମାଧ୍ୟମରେ ଭୋଟ ପାଇଁ ଜନ ସଚେତନତା ସୃଷ୍ଟି କରାଯାଉଛି। ଭୋଟରମାନଙ୍କୁ ମତଦାନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ୧୮ ବର୍ଷରେ ପଦାର୍ପଣ କରିବା ପରେ ସେମାନଙ୍କ ନାମକୁ ଭୋଟର ତାଲିକାରେ ଯୋଡିବା ଓ ମତଦାନ କରି ଯୋଗ୍ୟ ଜନ ପ୍ରତିନିଧିଙ୍କୁ ନିର୍ବାଚିତ କରିବା ପାଇଁ ସଚେତନ କରାଇବା ଦିଗରେ ନୟାଗଡ଼ ସେବା ଉତ୍ସବ ସମିତି ପ୍ରୟାସ ଜାରି ରଖିଛି। ସେବା ଉତ୍ସବ ସମିତି ସଭାପତି ଶିବରାମ ମହାପାତ୍ରଙ୍କ ନେତୃତ୍ୱରେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କ ସହଯୋଗରେ ନୂଆଗାଁ କଲେଜ ଛାତ୍ରୀଛାତ୍ର ଅଧ୍ୟାପିକା ଅଧ୍ୟାପକମାନଙ୍କ ଦ୍ୱାରା ଭୋଟ ପାଇଁ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ନୂଆଗାଁ କଲେଜରେ ତହସିଲଦାର ହେମନ୍ତ କୁମାର ନାୟକ,ବିଡିଓ ଅମୃତ କୁମାର ରାଉଳ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ବିଡିଓ ରାଉଳ, ତହସିଲଦାର ନାୟକ ଓ କଲେଜ ଅଧ୍ୟକ୍ଷ ସାହୁ ସାମିଲ ହୋଇ କଲେଜଠାରୁ ବାହାରି ଥାନା ପାଖରେ ପହଞ୍ଚିଥିଲେ।

ସେଠାରେ ଅତିଥିମାନେ କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଦେଶ ବିକାଶ ସହ ଗଣତନ୍ତ୍ରକୁ ସୁଦୃଢ କରିବାରେ ଯୁବକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଯୁବ ଭୋଟରମାନେ ନିଜର ମୂଲ୍ୟବାନ ଭୋଟଦେଇ ଦେଶ ବିକାଶରେ ଭାଗୀଦାରି ହୋଇ ପାରିବେ ବୋଲି କହିଥିଲେ। ଆଗାମୀ ନିର୍ବାଚନରେ ପ୍ରଥମଥର ପାଇଁ ଭୋଟ ଦେବାକୁ ଯାଉଥିବା ଯୁବତୀ ଯୁବକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଭୋଟ ଦେବା ଆମର ମୌଳିକ ଅଧିକାର। ତେଣୁ ଏହାକୁ କେବେ ହରାଇବା ନାହିଁ ବୋଲି ବିଡିଓ ରାଉଳ ଛାତ୍ରୀଛାତ୍ରଙ୍କୁ କହିଥିଲେ। ପଦଯାତ୍ରାରେ ନୂଆଗାଁ ପୋଲିସ ପ୍ରଶାସନ, ସେବା ଉତ୍ସବ ସମିତି ସଦସ୍ୟ ସୌମ୍ୟାସ୍ୱୟଂପ୍ରଭା ବର୍ଷା ପ୍ରିୟଦର୍ଶିନୀ, ସ୍ନେହାପ୍ରିୟଦର୍ଶିନୀ, ପ୍ରଶାନ୍ତ ସାହୁ, ଆଶୁତୋଷ ସାହୁ, ଅଂଶୁମାନ ସେଠୀ ଓ ନୂଆଗାଁ ପ୍ରେସ୍ କ୍ଲବ ସଦସ୍ୟମାନେ ଓ ସହଯୋଗ କରିଥିଲେ।



ସଚେତନତା ପଦଯାତ୍ରାକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମର


@ ପୁରୁଷୋତ୍ତମ


@ ଶୁଭେନ୍ଦୁ


@ ସୁବ୍ରତ


@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

